**ଭାରତ ବନ୍ଦ ଯୋଗୁ ଯୁକ୍ତ ୩ ପରୀକ୍ଷା ସ୍ଥଗିତ**

ବ୍ରହ୍ମପୁର ଅଫିସ : ମଙ୍ଗଳବାର ଭାରତ ବନ୍ଦ ଡାକରା ଯୋଗୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ହେବାକୁ ଥିବା ସମସ୍ତ କଲେଜର ଯୁକ୍ତ ୩ କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗର ପରୀକ୍ଷାକୁ ସ୍ଥଗିତ ରଖାଯାଇଥିବା ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ସୁରେନ୍ଦ୍ର କୁମାର ସେଠୀ କହିଛନ୍ତି। ମଙ୍ଗଳବାର ପ୍ରଶ୍ନପତ୍ର ନ ଖୋଲିବା ପାଇଁ ସମସ୍ତ ମହାବିଦ୍ୟାଳୟର ଅଧକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ପ୍ରବାସୀ ଶ୍ରମିକଙ୍କୁ କାମ ଯୋଗାଇବାକୁ ନିର୍ଦ୍ଦେଶ

**ଛତ୍ରପୁର, ୭।୧୨(ଡି.ଏନ.ଏ.)–**

ଗଞ୍ଜାମ ଜିଲାକୁ ବହୁ ସଂଖ୍ୟାରେ ପ୍ରବାସୀ ଫେରିଛନ୍ତି। ସେମାନଙ୍କର ଜୀବନ ଜୀବିକାକୁ ସୁଦୃଢ଼ କରିବା ନେଇ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇ ଆସୁଛନ୍ତି। ତେଣୁ ପ୍ରବାସୀମାନେ ଯେଭଳି କର୍ମନିଯୁକ୍ତି ପାଇବେ ଏବଂ ଅଧିକ ଶ୍ରମ ଦିବସ ସୃଷ୍ଟି ହୋଇପାରିବ ସେ ନେଇ ସମସ୍ତ ଅଧିକାରୀ ତତ୍ପରତା ପ୍ରକାଶ କରନ୍ତୁ ବୋଲି ସୋମବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମୀକ୍ଷା ବୈଠକରେ ଅଧକ୍ଷତା କରି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ଜିଲାପାଳ ଜିଲାର ପ୍ରତି ବ୍ଲକରେ ହେଉଥିବା ଉନ୍ନୟନ କାର୍ଯ୍ୟଗୁଡିକର ସମୀକ୍ଷା କରିଥିଲେ। ଶ୍ରମିକ ନିୟୋଜନ ଦିଗରେ ଯେତେ ଶ୍ରମିକଙ୍କୁ କାମ ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି, ଆସନ୍ତା ଜାନୁୟାରୀ ସୁଦ୍ଧା ପ୍ରତି ଗ୍ରାମ ପଞ୍ଚାୟତରେ ୫୦୦ କିମ୍ବା ତା'ଠାରୁ ଊର୍ଦ୍ଧ୍ୱ ଲୋକଙ୍କୁ ଜବ୍‌କାର୍ଡ ଦେଇ କାର୍ଯ୍ୟରେ ନିୟୋଜିତ କରାଇବାକୁ କହିଥିଲେ। ବର୍ତ୍ତମାନ କରୋନା ଭୟ କମିଛି। ମେଳା ମାଧ୍ୟମରେ ଜବ୍‌କାର୍ଡ ପ୍ରଦାନ କରି କାମ ଦେବା ସକାଶେ ଚେଷ୍ଟା ଅବ୍ୟାହତ ରହୁ। ଦୈନିକ ୨ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରିବା ସହିତ କ୍ଷେତ୍ର ପରିଦର୍ଶନରେ ଯାଇ କାମ ଠିକ ହେଉଛି ନା ନାହିଁ ବିଡିଓମାନେ ତଦାରଖ କରନ୍ତୁ । ସମସ୍ତ ଲାଇନ ବିଭାଗ ଅଧିକାରୀ ବି ତତ୍ପରତା ପ୍ରକାଶ କରନ୍ତୁ। ହିତାଧିକାରୀମାନେ କିମ୍ବା ଗୋଷ୍ଠୀ କାର୍ଯ୍ୟ କରିବା ନେଇ ଯେଉଁମାନେ ଅନୁଦାନ ଗ୍ରହଣ କରି କାର୍ଯ୍ୟ କରିନାହାନ୍ତି, ସେମାନଙ୍କ ନାଁରେ ଏତଲା ଦିଆଯିବ। ଜିଲାରେ ୨୯୨୭୪୭୫୦ ଶ୍ରମ ଦିବସ ସୃଷ୍ଟି ନିମନ୍ତେ ଲକ୍ଷ୍ୟ ରଖାଯାଇଥିବା ସ୍ଥଳେ ଗତ ୬ ତାରିଖ ସୁଦ୍ଧା ୧୩୭୪୬୯୩୬ ଶ୍ରମ ଦିବସ ସୃଷ୍ଟି ହୋଇପାରିଛି, ଯାହାକି ଶତକଡା ୪୭ ପ୍ରତିଶତ । ଜିଲାର ୫୦୩ ଗ୍ରାମ ପଞ୍ଚାୟତରେ ୧୫୦୦୦୦ ଶ୍ରମିକ ନିଯୁକ୍ତି ନିମନ୍ତେ ଲକ୍ଷ୍ୟ ରଖାଯାଇଛି । ରବିବାର ସୁଦ୍ଧା ୧୦୦୪୯୩ ଶ୍ରମିକ କର୍ମନିଯୁକ୍ତି ପାଇଛନ୍ତି । ମୋ ଉପକାରୀ ବଗିଚା ସକାଶେ ସମୁଦାୟ ୧୧୦୦୦୦ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇ ପରିବା ଚାଷ ଦିଗରେ ପ୍ରୋତ୍ସାହିତ କରାଯାଉଛି। ୧୧୦୦ ଏକରରେ ଗୋଖାଦ୍ୟ ଚାଷ କରିବା ନେଇ ୧୦୦୧ ହିତାଧିକାରୀଙ୍କୁ କର୍ମ ଯୋଗାଇବା ଲକ୍ଷ୍ୟ ରଖାଯାଇଛି । ତନ୍ମଧ୍ୟରୁ ୩୪୭ ହିତାଧିକାରୀଙ୍କୁ କର୍ମ ଯୋଗାଇ ୨୧୯.୯ ଏକର ଜମିରେ ଏ ପର୍ଯ୍ୟନ୍ତ ଗୋଖାଦ୍ୟ ଚାଷ ହୋଇପାରିଛି । ସେହିପରି ଅନ୍ୟାନ୍ୟ ବିଷୟରେ ମଧ ସମୀକ୍ଷା ହୋଇଛି। ପାନୀୟ ଜଳ ସମସ୍ୟା ଦୂର କରିବା, ଜଙ୍ଗଲ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ଉଦ୍ୟାନ ବିଭାଗ ଦ୍ୱାରା ନର୍ସରୀ ସୃଷ୍ଟି କରି ଲାଭକାରୀ ଫଳବୃକ୍ଷ ଚାରାରୋପଣ କରବା, ପୋଖରୀ ହୁଡାରେ ନଡିଆ ଚାରାରୋପଣ କରି ସୌନ୍ଦର୍ଯ୍ୟକରଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏ ସମସ୍ତ କାର୍ଯ୍ୟ ଡକ୍ୟୁମେଣ୍ଟେଶନ କରିବାକୁ କୁହାଯାଇଛି। ପଶୁପକ୍ଷୀଙ୍କ ସକାଶେ ଜଙ୍ଗଲ ଅଞ୍ଚଳରେ ଜଳ ସଂରକ୍ଷଣ ସ୍ଥାନ (ୱାଟର ବଡି) କରିବା ଓ ଗଞ୍ଜାମ ଜିଲାକୁ ଛତୁ ହବ୍ କରିବା ସକାଶେ କାର୍ଯ୍ୟପନ୍ଥା ସ୍ଥିର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।


ଜିଲାପାଳ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ସମୀକ୍ଷା କରୁଛନ୍ତି।

- ଦୈନିକ ୨ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରିବାକୁ ଟାର୍ଗେଟ
- ଅନୁଦାନ ନେଇ କାମ ନ କଲେ ଏତଲା

## ସଂକ୍ଷେପରେ

### କଂଗ୍ରେସରୁ ଇସ୍ତଫା ଦେଲେ ନିରୁପମା



**ଦିଗପହଣ୍ଡି,୭।୧୨(ଡି.ଏନ.ଏ.)-** ଗଞ୍ଜାମ ଜିଲା କଂଗ୍ରେସ କମିଟିର ସମ୍ପାଦିକା ନିରୁପମା ପଟ୍ଟନାୟକ ଦଳର ପ୍ରାଥମିକ ସଦସ୍ୟା ପଦରୁ ସୋମବାର ଇସ୍ତଫା ଦେଇଛନ୍ତି। ଦୀର୍ଘଦିନ ଧରି ତାଙ୍କୁ ଦଳରେ ଅଣଦେଖା କରାଯିବାରୁ ସେ ଇସ୍ତଫା ଦେଲେ ବୋଲି ଜିଲା କଂଗ୍ରେସ କମିଟି ସଭାପତି ରମେଶ ଜେନାଙ୍କ ନିକଟକୁ ପ୍ରେରିତ ପତ୍ରରେ ଉଲ୍ଲେଖ କରିଛନ୍ତି। ଦିଗପହଣ୍ଡିରେ ରହୁଥିବା ନିରୁପମାଙ୍କୁ ଇସ୍ତଫାର କାରଣ ପଚାରିବାରୁ ସେ ଶୃଙ୍ଖଳିତ ସଦସ୍ୟା ଭାବେ ଦଳରେ କାର୍ଯ୍ୟ କରିଆସୁଥିଲେ ମଧ ନିଜର ସ୍ୱାସ୍ଥ୍ୟ ସମସ୍ୟା ଓ ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିବା କହିଛନ୍ତି। ଆଗାମୀ ରାଜନୈତିକ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ଦେଇ ନ ଥିଲେ ମଧ କଂଗ୍ରେସରୁ ଇସ୍ତଫା ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

### ପ୍ରଦୀପଙ୍କ ଜନବିରୋଧୀ କାର୍ଯ୍ୟକୁ ନିନ୍ଦା

**ଗଞ୍ଜାମ,୭।୧୨(ଡି.ଏନ.ଏ.)-**ଟାଟାରେ ଚାକିରୀ ଦେବାକୁ କହି ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ଭିଜିଲାନ୍ସ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ଗିରଫ କରିଛି। ପୂର୍ବରୁ ଜନବିରୋଧି କାର୍ଯ୍ୟ ପ୍ରଦୀପଙ୍କୁ ମୁଖ୍ୟମନ୍ତ୍ରୀ ଦଳରୁ ବହିଷ୍କୃତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପକୁ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିବା ସହିତ ପ୍ରଦୀପଙ୍କ କାର୍ଯ୍ୟକୁ ନିନ୍ଦା କରିଛନ୍ତି। ଗଞ୍ଜାମ ପୋତାଗଡ଼ଠାରେ ସହର ଉନ୍ନତି ନେଇ ଦଳୀୟ ନେତୃବୃନ୍ଦଙ୍କ ସହ ଆଲୋଚନା ବେଳେ ବିଧାୟକ ଏହା କହିଥିଲେ।

# ଭାରତ ବନ୍ଦକୁ ଗଞ୍ଜାମ ଜିଲା ଓକିଲ ସଂଘର ସମର୍ଥନ

**ବ୍ରହ୍ମପୁର ଅଫିସ,୭।୧୨**

କେନ୍ଦ୍ରର ମୋଦି ସରକାରଙ୍କ ଦ୍ୱାରା ପ୍ରଣୀତ ତିନିଟି କୃଷି ଆଇନ ଦେଶର ସ୍ୱାର୍ଥ ବିରୋଧୀ। ଏଥିଦ୍ୱାରା ଚାଷୀମାନେ ନିଜେ ନିଜ ଜମି ଉପରେ ଥିବା ନିୟନ୍ତ୍ରଣ ହରାଇ ବସିବେ, କର୍ପୋରେଟ୍ ମାଲିକମାନେ ଏହାକୁ ନିୟନ୍ତ୍ରଣ କରିବେ। ଅତ୍ୟାବଶ୍ୟକ ଆଇନରେ ସଂଶୋଧନ ହେବା ଦ୍ୱାରା ସର୍ବାଧିକ ମହଜୁଦ ରଖିବା ନିୟମ ଉଠାଇ ଦିଆଯାଇଛି, ଫଳରେ ଖାଉଟିମାନେ ଅଧିକ ଦରରେ ଜିନିଷ କିଣିବେ, ସରକାର ଦରଧାର୍ଯ୍ୟ ବ୍ୟବସ୍ଥା ଉପରେ ନିୟନ୍ତ୍ରଣ ହରାଇ ବସିବେ। ମଣ୍ଡିରେ ଚାଷୀଙ୍କ ଫସଲ କିଣିବା ବ୍ୟବସ୍ଥା ଉଠାଇ ଦେବା ଦ୍ୱାରା ଚାଷୀମାନେ ବ୍ୟବସାୟୀଙ୍କ ଦୟାରେ ଫସଲ ବିକିବାକୁ ବାଧ ହେବେ। ପ୍ରଣୀତ କୃଷି ଆଇନରେ ଥିବା ଚୁକ୍ତି ଖିଲାପ ହେଲେ ଅଦାଲତରେ ବିଚାର ନ ହୋଇ ଜିଲାପାଳ କରିବେ। ଏଥିଦ୍ୱାରା ସରକାର ଅଦାଲତ ପରିସରକୁ ସଂକୁଚିତ କରିଛନ୍ତି। ସରକାର ଚାଷରେ ମଧ୍ୟସ୍ଥି ବ୍ୟବସ୍ଥା ଉଠେଇ ଦେବା ପାଇଁ କହୁଥିବା ବେଳେ ଯୁଦ୍ଧ ବିମାନ ରାଫେଲ କିଣିବା ପାଇଁ ଅନିଲ ଅମ୍ବାନୀଙ୍କୁ ମଧ୍ୟସ୍ଥ କିପରି କଲେ। ସର୍ଦ୍ଦାର ପଟେଲଙ୍କ ପ୍ରତିମୂର୍ତ୍ତି ଚାଇନାରୁ କିଣିବା ବେଳେ କାହିଁକି ମଧ୍ୟସ୍ଥ ନିଯୁକ୍ତି କଲେ। କେନ୍ଦ୍ର ସରକାରଙ୍କ ପ୍ରଣୀତ କୃଷି ଆଇନକୁ ପ୍ରତ୍ୟାହାର କରିବା ଲାଗି ଦେଶର ଚାଷୀମାନେ ଦେଇଥିବା ୮ ତାରିଖ ବନ୍ଦ ଆନ୍ଦୋଳନକୁ ସମର୍ଥନ ଜଣାଉଥିବା ଗଞ୍ଜାମ ଓକିଲ ସଂଘ ବ୍ରହ୍ମପୁରର ଅଧକ୍ଷ ଭଗବାନ ସାହୁ ଜଣାଇଛନ୍ତି। ଏହି ଅବସରରେ ଗଞ୍ଜାମ ଓକିଲ ସଂଘ କାର୍ଯ୍ୟାଳୟରେ ସମ୍ପାଦକ ସୁଧାଂଶୁ ପଣ୍ଡାଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଡ. ସୁଧାଂଶୁ ପତି, ଏସ୍. ରାମ କୁମାର, ନିର୍ମଳ ସାହୁ, ମନୋଜ ପଟ୍ଟନାୟକ, ପ୍ରଦୀପ ପଣ୍ଡା, ପ୍ରଦୀପ ବେହେରା, ଭାଲଚନ୍ଦ୍ର ଷଡ଼ଙ୍ଗୀ, କପିଳେଶ୍ୱର ପଟ୍ଟନାୟକ, ରବୀନ୍ଦ୍ର କୁମାର ଦେବ ଓ ହରିକୃଷ୍ଣ ପଟ୍ଟନାୟକଙ୍କ ସମେତ ବହୁ ଆଇନଜୀବୀ ଯୋଗଦେଇ ଭାରତ ବନ୍ଦ ଅବସରରେ ମଙ୍ଗଳବାର କୋର୍ଟ କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ନେଇଥିଲେ।

## ବାଲ୍ୟ ବିବାହ ରୋକିଲା ପ୍ରଶାସନ

**ପାତ୍ରପୁର,୭।୧୨(ଡି.ଏନ.ଏ.)**

ପାତ୍ରପୁର ବ୍ଲକ ଖାରିଆଗୁଡ଼ା ଫାଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କ ବିବାହକୁ ସୋମବାର ପ୍ରଶାସନ ବନ୍ଦ କରିଛି। ସମ୍ପୃକ୍ତ ନାବାଳିକାଙ୍କ ଆସନ୍ତା ସପ୍ତାହରେ ବିବାହ ହେବାର ଥିଲା। ଖବରପାଇ ସିଡିପିଓ ପଦ୍ମିନୀ ସାହୁ, ଚାଇଲ୍ଡଲାଇନ ଓ ଜରଡ଼ା ଥାନା ପୋଲିସଙ୍କ ସହ ବିଭିନ୍ନ କର୍ମଚାରୀମାନେ ତାଙ୍କ ଘରେ ପହଞ୍ଚି ବାଲ୍ୟ ବିବାହ ଏକ ଅପରାଧ ବୋଲି ପରିବାର ବର୍ଗଙ୍କୁ ବୁଝାଇ ବିବାହ ବନ୍ଦ କରିଥିଲେ।

# କମ୍ପାନୀ ମ୍ୟାନେଜର, ଡିଲରଙ୍କ ନାଁରେ ମାମଲା

**ବ୍ରହ୍ମପୁର ଅଫିସ,୭।୧୨**

**ଗାଡ଼ି ରେଜିଷ୍ଟ୍ରେଶନ ପାଇଁ ଟଙ୍କା ଠକେଇ**

ବାଲୁଗାଁ ପାଟନା ସାହିର ରବୀନ୍ଦ୍ର କୁମାର ସୁବୁଦ୍ଧି ବ୍ରହ୍ମପୁର ନାରାୟଣୀ ମୋଟର୍ସରୁ ୨୦୧୯ ସେପ୍ଟେମ୍ବର ୧ରେ ଏକ ଗାଡ଼ି କ୍ରୟ କରିଥିଲେ। ଏହାର ରେଜିଷ୍ଟ୍ରେଶନ, ଇନ୍‌ସ୍ୟୁରାନ୍ସ ଟଙ୍କା ଡିଲରଙ୍କ ନିକଟରେ ପୈଠ କରିଥିବା ବେଳେ ଗାଡ଼ି ବାବଦକୁ ୧ ଲକ୍ଷ ୬୯ ହଜାର ୫୦୦ ଟଙ୍କା ମଧ ପୈଠ କରିଥିଲେ। ହେଲେ ଡିଲରଙ୍କୁ ବାରମ୍ବାର କହିବା ସତ୍ତ୍ୱେ ସେ ତାଙ୍କୁ ରେଜିଷ୍ଟ୍ରେଶନ ସାର୍ଟିଫିକେଟ ଦେଇ ନ ଥିଲେ। ଶେଷରେ ରେଜିଷ୍ଟ୍ରେଶନ ସାର୍ଟିଫିକେଟ ନ ମିଳିବାରୁ ସେ କମ୍ପାନୀ ଡିଲର ଓ ମ୍ୟାନେଜରଙ୍କୁ ବାରମ୍ବାର ନୋଟିସ କରିବା ସତ୍ତ୍ୱେ ମଧ ମାମଲାର କୌଣସି ସମାଧାନ ହୋଇ ନ ଥିଲା। ଅନ୍ୟପଟେ ଗାଡ଼ି କ୍ରୟ କରି ଦୀର୍ଘ ବର୍ଷେରୁ ଊର୍ଦ୍ଧ୍ୱ ସମୟ ହେଲା ସେ ବ୍ୟବହାର କରିପାରୁ ନ ଥିଲେ। ଏଣୁ ଶେଷରେ ନ୍ୟୁ ଦିଲ୍ଲୀସ୍ଥିତ ସାଇରା ଇଲେକ୍ଟ୍ରିକ୍ ଅଟୋ ପ୍ରାଇଭେଟ ଲିମିଟେଡ କମ୍ପାନୀର ମ୍ୟାନେଜର ଓ ବ୍ରହ୍ମପୁର ଧର୍ମନଗରସ୍ଥିତ ନାରାୟଣୀ ମୋଟର୍ସର ମାଲିକ ଗଣେଶ କୁମାର ପାଣିଗ୍ରାହୀଙ୍କ ନାମରେ ଏକ ମାମଲା ରୁଜୁ କରିବା ପାଇଁ ଏସ୍‌ଡିଜେଏମ୍ ଜିତେନ୍ଦ୍ରିୟ ପାଣିଗ୍ରାହୀଙ୍କ କୋର୍ଟରେ ଆବେଦନ କରିଥିଲେ। ଏସ୍‌ଡିଜେଏମ୍ କୋର୍ଟରେ ଏନେଇ ୩୧୬/୨୦ରେ ଏକ ୱାନ୍ ସିସି ମାମଲା ରୁଜୁ ହୋଇଛି ବୋଲି ତାଙ୍କ ଓକିଲ ସୂଚନା ଦେଇଛନ୍ତି।

## ଭାଜପାର ତାଲିମ ଶିବିର

**ଶେରଗଡ଼,୭।୧୨(ଡି.ଏନ୍.ଏ.)–**

ଶେରଗଡ଼ ବ୍ଲକ ପିତଳ ଗ୍ରାମରେ ଭାଜପାର ମଣ୍ଡଳ ସ୍ତରୀୟ ତାଲିମ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ନୟନି ମଳିକ ଅଧକ୍ଷତା କରିଥିଲେ। ହିଞ୍ଜିଳି ନିର୍ବାଚନମଣ୍ଡଳୀ ସଂଯୋଜକ ଶିଶିର କୁମାର ମିଶ୍ର, ଅରୁଣ କୁମାର ପଣ୍ଡା, କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ କୁମାର ସାହୁ, ପବିତ୍ର ନାହାକ, ହିଞ୍ଜିଳି ନଗର ଉପସଭାପତି ମାଧବ ଗୌଡ, ଧବଳପୁର ମଣ୍ଡଳ ଜିଲା ପ୍ରତିନିଧି ଜଗନ୍ନାଥ ପାତ୍ର, ନୀଳମଣି ସ୍ୱାଇଁଙ୍କ ସମେତ ବହୁ ଭାଜପା କର୍ମୀ ଯୋଗ ଦେଇଥିଲେ। ଦଳର ସାଙ୍ଗଠନିକ ସ୍ଥିତି, ସଭ୍ୟ ସଂଗ୍ରହ, କେନ୍ଦ୍ର ସରକାରଙ୍କ ଯୋଜନା ସଚେତନ କରିବାକୁ ଆହ୍ୱାନ ଦିଆଯାଇଥିଲା।


**କଏର ବୋର୍ଡ** | **କତା ଶିଳ୍ପ ସର୍ବେକ୍ଷଣ**
ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ, ଭାରତ ସରକାର
ଏମ୍.ଜି. ରୋଡ୍, କୋଚି-୬୮୨୦୧୬

କତା ଶିଳ୍ପକୁ ଅଧିକ ଜୀବନ୍ତ କରିବା ପାଇଁ, ବୋର୍ଡ "**ବାସ୍ତବ ସମୟ ତଥ୍ୟ**" ହାସଲର ଆବଶ୍ୟକତା ଅନୁଭବ କରିଛି ଏବଂ ଏଥିପାଇଁ ଖୁବ୍‌ଶୀଘ୍ର ସର୍ବେକ୍ଷଣ ଆରମ୍ଭ ହେବାକୁ ଯାଉଛି । ଓଡ଼ିଶା ରାଜ୍ୟରେ ଅବସ୍ଥିତ ୟୁନିଟ୍‌ଗୁଡ଼ିକୁ ପରିଦର୍ଶନ କରିବାକୁ ଯାଇଥିବା କ୍ଷେତ୍ର ଅଧିକାରୀମାନଙ୍କୁ ତଥ୍ୟ ଯୋଗାଇବାରେ ପୂର୍ଣ୍ଣ ସହଯୋଗ ଦେବା ପାଇଁ ସମସ୍ତ କଏର ୟୁନିଟ୍ ଅନୁରୋଧ କରାଯାଉଛି।

ସ୍ୱା./- ଆଞ୍ଚଳିକ ଅଧିକାରୀ
ତା୧୮।୧୧।୨୦୨୦ରିଖ — କଏର ବୋର୍ଡ, ଭୁବନେଶ୍ୱର, ଓଡ଼ିଶା
davp 25131/11/0012/2021





ଧରିତ୍ରୀ
DHARITRI
ମଙ୍ଗଳବାର, ଡିସେମ୍ବର ୮, ୨୦୨୦



## ରୋକାଗଲା ୨ ନାବାଳିକାଙ୍କ ବିବାହ ବନ୍ଦ ମୃତ

ଆସିକା, (ଡି.ଏନ୍.ଏ.): ଆସିକା ବ୍ଲକ ଅନ୍ତର୍ଗତ କାଳଷଣ୍ଢପୁର ଓ ଧନିଜା ଗ୍ରାମରେ ହେବାକୁ ଥିବା ୨ଟି ବାଲ୍ୟବିବାହକୁ ସୋମବାର ପ୍ରଶାସନ ପକ୍ଷରୁ ରୋକାଯାଇଛି। ଉଭୟ ସ୍ଥାନରେ ନାବାଳିକାଙ୍କ ବିବାହ ଲାଗି ସମସ୍ତ ପ୍ରସ୍ତୁତି ସରିଥିଲା। ଖବରପାଇ ଆସିକା ସିଡିପିଓ ଭାରତୀ ମହାପାତ୍ର ସେଠାରେ ପହଞ୍ଚି ନାବାଳିକାଙ୍କ ପରିବାରକୁ ବାଲ୍ୟବିବାହ ସମ୍ପର୍କରେ ଆଇନଗତ କଟକଣା ନେଇ ତାଗିଦ କରିବା ସହ ବିବାହ ବନ୍ଦ କରିଥିଲେ। ଝିଅର ପ୍ରାପ୍ତ ବୟସ ଆସିବା ପରେ ହିଁ ବିବାହ କରିବେ ବୋଲି ପରିବାର ଲୋକେ ଲିଖିତ ଭାବେ ଜଣାଇଥିବା ସିଡିପିଓ ମହାପାତ୍ର ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଅଭିଯୁକ୍ତ ଅପହର୍ତ୍ତା ଜେଲ ଗଲେ

### ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଉଦ୍ୟମ

ବ୍ରହ୍ମପୁର ଅଫିସ,୭।୧୨-ସଦର ଥାନା ଅଞ୍ଚଳରୁ ଗତ ୮ ମାସ ତଳେ ଅପହୃତା ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ସୋରଡ଼ା ବଡ଼ଗଡ଼ ନିକଟ ଜଙ୍ଗଲରେ ହତ୍ୟା ଉଦ୍ୟମ ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଧରାକୋଟ ଥାନା ଅନ୍ତର୍ଗତ ଜି.ଦାମୋଦରପଲ୍ଲୀର ମିଥୁନ ସେଠୀ (୨୫)। ପୋଲିସ ସୋମବାର ମାମଲା ନଂ. ୩୭୨/୨୦ରେ କୋର୍ଟଚାଲାଣ କରିଛି। ପୋକ୍‌ସୋ କୋର୍ଟରେ ଅଭିଯୁକ୍ତଙ୍କ ଜାମିନ ଖାରଜ ହେବା ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ଚାଇଲ୍ଡ ଲାଇନ ଦ୍ୱାରା ଉଦ୍ଧାର ନାବାଳିକା ଏମ୍‌କେସିଜି ମେଡିକାଲ ଆଇସିୟୁ ୱାର୍ଡରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ପୋଲିସ କହିଛି। ପ୍ରକାଶଯେ, ପ୍ରାୟ ୮ ମାସ ତଳେ ସଦର ଥାନା ଅଞ୍ଚଳରୁ ଜଣେ ନାବାଳିକା ଅପହରଣ ହୋଇଥିଲେ। ନଭେମ୍ବର ୨୯ରେ ତାଙ୍କୁ ସୋରଡ଼ା ଅଞ୍ଚଳର କେତେକ ଲୋକ ଏକ ଜଙ୍ଗଲିଆ ରାସ୍ତାକଡ଼ରୁ ଉଦ୍ଧାର କରି ସୋରଡା ପୋଲିସକୁ ହସ୍ତାନ୍ତର କରିଥିଲେ।

### କଣ୍ଠଶିଳ୍ପୀଙ୍କ ପରଲୋକ



ପାରଳାଖେମୁଣ୍ଡି, ୭।୧୨ (ଡି.ଏନ୍.ଏ.)- ଗଜପତି ଜିଲାର ବିଶିଷ୍ଟ କଣ୍ଠଶିଳ୍ପୀ ତଥା ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପୁଷ୍ପାବେଣୀ ପଟ୍ଟନାୟକଙ୍କ ୭୫ବର୍ଷ ବୟସରେ ସୋମବାର ପରଲୋକ ଘଟିଛି। ସେ ମହାରାଜ ବାଳିକା ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନ କରିବା ସହ ଉତ୍କଳ ହିତୈଷିଣୀ ସମାଜର ସଙ୍ଗୀତ ବିଦ୍ୟାଳୟରେ ସଙ୍ଗୀତ ଶିକ୍ଷା ଦେଉଥିଲେ। ସେ ଅନେକ ଅନୁଷ୍ଠାନ ସହ ମଧ ଜଡ଼ିତ ଥିଲେ। କିଛିଦିନ ହେଲା ସେ ଅସୁସ୍ଥ ଥିବାବେଳେ ପାରଳାଖେମୁଣ୍ଡି କରଣସାହିସ୍ଥିତ ବାସଭବନରେ ରହୁଥିଲେ। ସାହିତ୍ୟିକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଗୁରୁ ଗୌରଚନ୍ଦ୍ର ପଣ୍ଡା, ଲେଖକ ନରସିଂହ ପଟ୍ଟନାୟକ, ନାଟ୍ୟଶ୍ରୀ ଦେବେନ୍ଦ୍ର ଦାସ, ଗୁରୁ ରଘୁନାଥ ପାତ୍ର, ଗୁରୁ କୈଳାସ ପଟ୍ଟନାୟକ, କ୍ରିଏଟିଭ ଆର୍ଟ୍ସ ସଭାପତି ନୃସିଂହ ଚରଣ ପଟ୍ଟନାୟକ ପ୍ରମୁଖ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

### କାଳିଞ୍ଜି ସମାଜର ନୂତନ କର୍ମକର୍ତ୍ତା ନିର୍ବାଚନ

ବୁଗୁଡ଼ା,୭।୧୨(ଡି.ଏନ୍.ଏ.)- ନିଖିଳ ଉତ୍କଳ ଓଡ୍ର ଖଣ୍ଡାୟତ କାଳିଞ୍ଜି ସମାଜ ବେତାରସିଂ ଅଞ୍ଚଳ ପରିଷଦର ନୂତନ କର୍ମକର୍ତ୍ତା ନିର୍ବାଚନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବେତାରସିଂରେ ନିର୍ମାଣାଧୀନ ସଭାଗୃହରେ ଆୟୋଜିତ ବୈଠକରେ କେନ୍ଦ୍ର ପରିଷଦର ସଭାପତି କୋରା ନାଥ ସ୍ୱାଇଁ, ସମ୍ପାଦକ ସନ୍ତୋଷ କୁମାର ଜେନା, ଅଞ୍ଚଳ ସାମନ୍ତ କେଶବ ପ୍ରସାଦ ବିଷୋୟୀ ପ୍ରମୁଖ ନିର୍ବାଚନ ପରିଚାଳନା କରିଥିଲେ। ନୂତନ କର୍ମକର୍ତ୍ତା ନିର୍ବାଚନରେ ଅଞ୍ଚଳ ପରିଷଦର ସଭାପତି ଭାବେ ଗୌର ଚରଣ ପ୍ରଧାନ, ଉପସଭାପତି ଭାବେ ଗଙ୍ଗାଧର ବିଷୋୟୀ, ସମ୍ପାଦକ ଭାବେ ଅମ୍ବିକା ପ୍ରସାଦ ବିଷୋୟୀ, ସଙ୍ଗଠନ ସମ୍ପାଦକ ଭାବେ ଅନ୍ତର୍ଯ୍ୟାମୀ ସ୍ୱାଇଁ, କୋଷାଧକ୍ଷ ଭାବେ ସାଧୁ ଚରଣ ବିଷୋୟୀ, ସଙ୍ଗଠକ ଭାବେ ଯୋଗେନ୍ଦ୍ର ନାହାକ ମନୋନୀତ ହୋଇଥିଲେ।

### କୋଭିଡ ହସ୍ପିଟାଲ ଷ୍ଟାଫନର୍ସଙ୍କ ଧାରଣା

ବ୍ରହ୍ମପୁର ଅଫିସ,୭।୧୨ - ମହାରାଜା କୃଷ୍ଣଚନ୍ଦ୍ର ଗଜପତି କୋଭିଡ଼ ହସ୍ପିଟାଲରେ ଗତ ୯ ମାସ ଧରି କାର୍ଯ୍ୟରତ ଷ୍ଟାଫ ନର୍ସମାନେ ସ୍ଥାୟୀ ନିଯୁକ୍ତି ଦାବି ନେଇ ସୋମବାର ସନ୍ଧ୍ୟାରୁ ଧାରଣା ଦେଇଛନ୍ତି। ଏମକେସିଜିର ମେଡିକାଲରେ ମୁଖ୍ୟ ଫାଟକ ସମ୍ମୁଖରେ ଦିଆଯାଇଥିବା ଏହି ଧାରଣା ଦିନରାତି ଚାଲିବ ବୋଲି ସେମାନେ କହିଛନ୍ତି। ଗତମାସ ୨୭ ତାରିଖରେ ରାଜ୍ୟର ବିଭିନ୍ନ ମେଡିକାଲ କଲେଜ ଓ ଜିଲା ସ୍ୱାସ୍ଥ୍ୟ ବିଭାଗରେ ଖାଲିଥିବା ୬୪୩୨ଟି ନର୍ସିଂ ଅଫିସର ପଦ ପାଇଁ ନିଯୁକ୍ତି ବିଜ୍ଞାପନ ବାହାରିଛି। ଆବେଦନ ପାଇଁ ସୋମବାରଠାରୁ ଅନଲାଇନରେ ଆବେଦନ ଗ୍ରହଣ ଆରମ୍ଭ ହୋଇଛି। ମୋଟ ପଦବୀ ମଧରେ ଏମକେସିଜି ପାଇଁ ୨୫୦ରୁ ଉର୍ଦ୍ଧ ପଦବୀ ରହିଛି। ତେଣୁ ଏମକେସିଜିରେ ଖାଲିଥିବା ପଦବୀଗୁଡ଼ିକରେ ସେମାନଙ୍କୁ ସିଧାସଳଖ ନିଯୁକ୍ତି ଦିଆଯାଉ ବୋଲି ଧାରଣାରତ ଏମକେସିଜିର ଷ୍ଟାଫନର୍ସମାନେ କହିଛନ୍ତି।

# ରାଶନ୍ କାର୍ଡ ତାଲିକାରୁ କଟିଲା ୧୨୩ ନାଁ

ଧରାକୋଟ,୭।୧୨(ଡି.ଏନ.ଏ.)



ବିଡିଓଙ୍କୁ ଅଭିଯୋଗ କରିବାକୁ ଆସିଥିବା ବ୍ୟକ୍ତି।

ଧରାକୋଟ ବ୍ଲକ ଜଗମୋହନ ପଞ୍ଚାୟତର ୧୨୩ଜଣ ହିତାଧିକାରୀଙ୍କୁ ରାଶନ କାର୍ଡ ତାଲିକାରୁ ବାଦ୍ ଦିଆଯାଇଛି। ଏ ନେଇ ନନ୍ଦିଗୋର ଗ୍ରାମବାସୀ ସୋମବାର ବିଡିଓ ବିବୁଧ ଗଡ଼ନାୟକଙ୍କୁ ଅଭିଯୋଗ କରିଛନ୍ତି।

ଗତ ସେପ୍ଟେମ୍ବର ୧୧ ତାରିଖରେ ଉକ୍ତ ପଞ୍ଚାୟତର ୧୨୩ ଜଣ ରାଶନକାର୍ଡ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ହେଲେ ପଞ୍ଚାୟତ ପକ୍ଷରୁ କାର୍ଡ ବଣ୍ଟନ କରିବା ଦିନ ଏକ ସୁଚିନ୍ତିତ ଉପାୟରେ ରାଜନୈତିକ ଆକ୍ରୋଶ ରଖି ସଭାରେ ହଟ୍ଟଗୋଳ କରି ସଭାକାର୍ଯ୍ୟ ବନ୍ଦ ହୋଇ ଯାଇଥିଲା। ସରକାରଙ୍କ ଘୋଷଣା ପ୍ରକାରେ ସମାଜର ଅବହେଳିତ, ନିଷ୍ପେଷିତ ବ୍ୟକ୍ତିଙ୍କୁ ରାଶନ କାର୍ଡ ଦିଆଯିବ। ହେଲେ ନିଜର ମୌଳିକ ଅଧିକାର ଓ ସରକାରଙ୍କ ଘୋଷିତ ବିଭିନ୍ନ ଯୋଜନାରୁ ଅସହାୟ, ଗରିବ ଲୋକମାନେ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କରେ ଧରାକୋଟ ବିଡିଓଙ୍କ ସହ ଯୋଗାଯୋଗ ବେଳେ ମୋ ଅଜାଣତରେ, ମୋର ବିନା ଦସ୍ତଖତରେ ରାଶନ କାର୍ଡ ତାଲିକାରେ ରହିଥିବା ବ୍ୟକ୍ତିମାନଙ୍କ ନାମ ଯୋଗାଣ ନିରୀକ୍ଷକ କମ୍ପ୍ୟୁଟରରୁ କାଟି ଦେଇଛନ୍ତି। ଆମେ ୫ ହଜାର ରାଶନ କାର୍ଡଧାରୀଙ୍କ ନାମ ସୁପାରିସ କରିଛୁ। ଏହି ତାଲିକା ଅନୁମୋଦନ ହେବା ପରେ ବାଦ୍ ପଡ଼ିଥିବା ବ୍ୟକ୍ତିମାନଙ୍କୁ ଏଥିରେ ସାମିଲ କରାଯିବ ବୋଲି ବିଡିଓ କହିଛନ୍ତି। ଅନ୍ୟପଟେ ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଯୋଗାଣ ନିରୀକ୍ଷକଙ୍କୁ ପଚାରିବାରୁ ସେ କହିଛନ୍ତି, ମୁଁ ରାଶନ କାର୍ଡ ତାଲିକାରୁ ହିତାଧିକାରୀଙ୍କ ନାଁ କାଟି ନାହିଁ। ପୂର୍ବତନ ନିରୀକ୍ଷକ ଯାହା କରିଥିବେ ସେ ବିଷୟରେ ମୁଁ ଜାଣିନାହିଁ ବୋଲି କହିଛନ୍ତି।

# ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

ଛତ୍ରପୁର,୭।୧୨(ଡି.ଏନ୍.ଏ.)

### ଜିଲାପାଳଙ୍କ ପ୍ରକୋଷ୍ଠରେ ହତ୍ୟା ଉଦ୍ୟମ ମାମଲା

୨୦୧୫ରେ ତତ୍କାଳୀନ ଗଞ୍ଜାମ ଜିଲାପାଳଙ୍କ ପ୍ରକୋଷ୍ଠରେ ଚଉକି ଫିଙ୍ଗିବା ଓ ହତ୍ୟା ଉଦ୍ୟମ ମାମଲାର ଅଭିଯୁକ୍ତ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି। ଛତ୍ରପୁର ସହକାରୀ ଦୌରାଜଜ୍ ମାନସ ରଞ୍ଜନ ରାଏ ସୋମବାର ଉକ୍ତ ମାମଲାର ବିଚାର କରି ଉପଯୁକ୍ତ ପ୍ରମାଣ ଅଭାବରୁ ଅଭିଯୁକ୍ତ ପି. ତୁଳସେୟା ରେଡ୍ଡୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

୨୦୧୫ ଫେବୃୟାରୀ ୧୦ରେ ଟାଟା ବିସ୍ଥାପିତ କଲୋନୀର କେତେଜଣ ବ୍ୟକ୍ତି ପି. ତୁଳସେୟାଙ୍କ ନେତୃତ୍ୱରେ ତତ୍କାଳୀନ ଗଞ୍ଜାମ ଜିଲାପାଳ ପ୍ରେମଚନ୍ଦ୍ର ଚୌଧୁରୀଙ୍କୁ ତାଙ୍କ ପ୍ରକୋଷ୍ଠରେ ଭେଟି ଘର ପଟ୍ଟା ପ୍ରଦାନ ପାଇଁ ନିବେଦନ କରିଥିଲେ । ଚୌଧୁରୀ ଏ ସମ୍ପର୍କରେ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଥିଲେ ମଧ ତୁଳସେୟା କେବେ ପଟ୍ଟା ମିଳିବ ସମୟ ଦେବାକୁ ଜିଦ୍ ଧରିଥିଲେ। ଚୌଧୁରୀ ଏଥିରେ ନାରାଜ ହେବାରୁ ସେ ଚଉକି ଫୋପାଡ଼ି ଥିଲେ। ଜିଲାପାଳଙ୍କ ଦେହରକ୍ଷୀ ସନ୍ତୋଷ କୁମାର ବେହେରା, ଶଙ୍କର୍ଷଣ ବେହେରା ଓ କାଳୁ ଚରଣ ବେହେରା ତାଙ୍କୁ ବାହାରକୁ ଆଣିବାକୁ ଚେଷ୍ଟା କରିବା ବେଳେ ତୁଳସେୟା ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏ ସମ୍ପର୍କରେ ତତ୍କାଳୀନ ଡେପୁଟି କଲେକ୍ଟର ସବ୍ୟସାଚୀ ହୋତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୧୮/୧୫ରେ ମାମଲା ରୁଜୁ କରିଥିଲା। ତତ୍କାଳୀନ ଛତ୍ରପୁର ଥାନା ଆଇଆଇସି ବିଷ୍ଣୁପ୍ରସାଦ ପାତ୍ର ଏହାର ତଦନ୍ତ କରି ମୁଦାଲାଙ୍କ ବିରୋଧରେ ଆଇପିସିର ୨୯୪/୩୨୩/୩୦୭/୪୨୭/ ୪୫୦/୫୦୬/୩୩୨ ଧାରାରେ ମାମଲା ରୁଜୁ କରିଥିଲେ ଏବଂ ଜି.ଆର. ୩୧/୧୫ ରେ ଚାର୍ଜଶିଟ୍ ଦାଖଲ କରିଥିଲେ। ଏହି ମକଦ୍ଦମା ଏସ.ଟି. ୨୦୫/୧୫ ମାମଲାରେ ଛତ୍ରପୁର ସହକାରୀ ଦୌରାଜଜ୍‌ଙ୍କ କୋର୍ଟରେ ବିଚାର ହୋଇ ଉପରୋକ୍ତ ରାୟ ପ୍ରକାଶ ପାଇଛି। ମୁଦାଲାଙ୍କ ପକ୍ଷରୁ ବ୍ରଜ ମୋହନ ଆଚାର୍ଯ୍ୟ ଓ ପି. ଧର୍ମା ରେଡ୍ଡୀ ଏବଂ ସରକାରଙ୍କ ପକ୍ଷରୁ ପ୍ରଦୀପ କୁମାର ପାତ୍ର ମାମଲା ପରିଚାଳନା କରୁଥିଲେ ।

# ୨ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଉତ୍ସବ

ଛତ୍ରପୁର,୭।୧୨(ଡି.ଏନ୍.ଏ.)

### ପଦ୍ମଶ୍ରୀ ଗୀତା ମହାଲିକ ମୁଖ୍ୟଅତିଥି

ଆସନ୍ତା ଜାନୁୟାରୀ ୨ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୫୫ତମ ପ୍ରତିଷ୍ଠା ଉତ୍ସବ ପାଳନ କରାଯିବ। ବିଜୁ ପଟ୍ଟନାୟକ ଅଡିଟୋରିୟମ ହଲ୍‌ରେ କୋଭିଡ୍ ନିୟମ ପ୍ରକାରେ ଏହା ପାଳନ କରାଯିବ। ପ୍ରତିଷ୍ଠା ଉତ୍ସବରେ ପଦ୍ମଶ୍ରୀ ଗୀତା ମହାଲିକ ମୁଖ୍ୟଅତିଥି ଭାବେ ଯୋଗଦେବେ। ସୋମବାର ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ପ୍ରତିଷ୍ଠା ଉତ୍ସବରେ ଖ୍ୟାତିସମ୍ପନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯିବା ସହ ପୁରସ୍କୃତ କରାଯିବ। ପ୍ରଖ୍ୟାତ କବି, ଜ୍ଞାନପୀଠ ପୁରସ୍କାର ବିଜେତା, ପଦ୍ମଭୂଷଣ ତଥା ପଦ୍ମ ବିଭୂଷଣ ସୀତାକାନ୍ତ ମହାପାତ୍ରଙ୍କୁ ସାହିତ୍ୟ/ଲେଖା ପାଇଁ କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ଜାତୀୟ ପୁରସ୍କାର ପ୍ରଦାନ କରାଯିବ। ସେହିପରି ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ପଦ୍ମଶ୍ରୀ ଶିଶିର ମିଶ୍ର ଏବଂ ଓଡ଼ିଆ କବି କମ୍ବୁପାଣି ସାମନ୍ତଙ୍କୁ ଅଙ୍ଗବସ୍ତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯିବ। ଦାସକାଠିଆ ଓ ଶିଙ୍ଗକାର୍ଯ୍ୟ ନିମନ୍ତେ ଉପେନ୍ଦ୍ର ପାଣିଗ୍ରାହୀ ଏବଂ କୃଷ୍ଣଚନ୍ଦ୍ର ମିଶ୍ରଙ୍କୁ ଦକ୍ଷିଣ ଓଡ଼ିଶା ଲୋକ ସଂସ୍କୃତି ସମ୍ମାନ ଦିଆଯିବ। ପ୍ରଫେସର ଅଶୋକ କୁମାର ମହାପାତ୍ର, ଭାଇସ୍ ଚାନସେଲର୍ ସୋଆ ୟୁନିଭର୍ସିଟି ଏବଂ ପ୍ରଫେସର ଅରୁଣ କୁମାର ପତି, ପ୍ରଫେସର ହରିଶ ଚନ୍ଦ୍ର ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ (ଗବେଷଣା ଅନୁଷ୍ଠାନ), ଆହ୍ଲାବାଦଙ୍କୁ ଡିଷ୍ଟିଙ୍ଗୁଇସ୍‌ଡ ଆଲୁମିନି ପୁରସ୍କାରରେ ପୁରସ୍କୃତ କରାଯିବ। ଏହାବ୍ୟତୀତ ବିଶ୍ୱବିଦ୍ୟାଳୟର ଟିଚିଂ ଏବଂ ନନ୍‌ଟିଚିଂ କର୍ମଚାରୀଙ୍କୁ ମଧ ସମୟାନୁବର୍ତ୍ତିତା ଓ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯିବା ପାଇଁ ସ୍ଥିର କରାଯାଇଛି। ସେମାନେ ହେଲେ ଡ. ତପନ କୁମାର ବାରିକ ସହକାରୀ ପ୍ରଫେସର ପ୍ରାଣୀ ବିଜ୍ଞାନ ବିଭାଗ ସହକାରୀ ରେଜିଷ୍ଟ୍ରାର, ଡ. ସରୋଜ କୁମାର ଦାଶ, ସେକ୍ସନ ଅଫିସର ନିରଞ୍ଜନ ପାତ୍ର, ସେକ୍ସନ ଅଫିସର ଆର. କେ. ସାବତ, ବରିଷ୍ଠ ସହାୟକ, ଅରବିନ୍ଦ ନାୟକ, ଡ. ମିହିର ତ୍ରିପାଠୀ, ଉଷାରାଣୀ ପଣ୍ଡା, ରମେଶ ଘଡ଼େଇ ଓ ଡି. କ୍ରିଷ୍ଣା। ଚଳିତବର୍ଷ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରୀଛାତ୍ରଙ୍କ ନିକଟକୁ ଡାକଯୋଗେ ପୁରସ୍କାର ପଠାଯିବ। ମନୋଜ କୁମାର ସାହୁଙ୍କୁ ଚିକିଟି ମହାବିଦ୍ୟାଳୟ ଖେଲୋ ଇଣ୍ଡିଆ ଭାରୋତ୍ତୋଳନରେ ସ୍ୱର୍ଣ୍ଣପଦକ ଏବଂ ସମଗ୍ର ଭାରତ ଆନ୍ତଃ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନରେ ବ୍ରୋଞ୍ଜ ପଦକ ପ୍ରଦାନ କରାଯିବ। ସେହିପରି ପ୍ରମିଳା କ୍ରିସାନୀ, ପିପୁଲ୍ସ କଲେଜ ବୁଗୁଡା ଖେଲୋ ଇଣ୍ଡିଆ ଭାରୋତ୍ତୋଳନରେ ରୌପ୍ୟ ପଦକ ଏବଂ ୱନୀତା ଘଡେଇଙ୍କୁ ଖେଲୋ ଇଣ୍ଡିଆ ଭାରୋତ୍ତୋଳନରେ ବ୍ରୋଞ୍ଜ ପଦକ ପ୍ରଦାନ କରାଯିବ । ସ୍ମୃତିସୁଧା ସାହୁ ପଦାର୍ଥ ବିଜ୍ଞାନ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟଙ୍କୁ ଓଡିଆ ରଚନାତ୍ମକ ଲିଖନ ନିମନ୍ତେ ଚେତନ ପୁରସ୍କାର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି ।

# ଅଭିଯୁକ୍ତ ମା'ଙ୍କୁ ସର୍ତ୍ତମୂଳକ ଜାମିନ


ବ୍ରହ୍ମପୁର ଅଫିସ,୭।୧୨

### ଶିଶୁକନ୍ୟାର ତଣ୍ଟି ଚିପି ହତ୍ୟା ମାମଲା

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଭାବିନୀପୁର ମହାନ୍ତି ସାହିରେ ଦେଢ଼ ବର୍ଷର ଝିଅକୁ ତାଙ୍କ ମା' ତଣ୍ଟିଚିପି ହତ୍ୟା କରିଥିବା ମାମଲାର ଅଭିଯୁକ୍ତ ସାବିତ୍ରୀ ଗୌଡ଼ଙ୍କୁ ସୋମବାର ଜାମିନ ମିଳିଛି। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିଜେଏମ୍ ଜିତେନ୍ଦ୍ରୀୟ ପାଣିଗ୍ରାହୀ ସାବିତ୍ରୀଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। କୌଣସି ଏକ ଘରୋଇ ଅଶାନ୍ତିକୁ କେନ୍ଦ୍ରକରି ଅଗଷ୍ଟ ୨୧ରେ ସାବିତ୍ରୀ ତାଙ୍କ ଦେଢ଼ବର୍ଷ ଝିଅର ତଣ୍ଟି ଚିପି ହତ୍ୟା କରିବା ପରେ ମାନସିକ ଭାରସାମ୍ୟ ହରାଇ ନିଜ ହାତକୁ ବ୍ଲେଡରେ କାଟି ଦେଇଥିଲେ। ପୋଲିସ ଶିଶୁକନ୍ୟାଙ୍କ ମୃତଦେହ ଜବତ କରିବା ସହ ମହିଳାଙ୍କୁ କାବୁ କରି ମେଡିକାଲରେ ଭର୍ତ୍ତି କରିଥିଲା। ସୁସ୍ଥ ହେବା ପରେ ସାବିତ୍ରୀଙ୍କୁ କୋର୍ଟଚାଲାଣ କରିଥିଲା। ଏସ୍‌ଡିଜେଏମ୍ ଅଭିଯୁକ୍ତଙ୍କ ଜାମିନ ଖାରଜ କରି ଦେଇଥିଲେ। ପରେ ତାଙ୍କ ଓକିଲ ଜାମିନ ପାଇଁ ସ୍ୱତନ୍ତ୍ର ଡିଜିଲାନ୍ସ ଜଜ୍‌ଙ୍କ ନିକଟରେ ଆବେଦନ କରିଥିଲେ ମଧ ଏହା ଖାରଜ ହୋଇଯାଇଥିଲା। ଶେଷରେ ତାଙ୍କ ଓକିଲ ଗୌରୀ ଶଙ୍କର ଦାଶ ଓ ଶିବ ପ୍ରସାଦ ମିଶ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଆହତ କୃଷ୍ଣସାର ମୃଗ ଉଦ୍ଧାର


ବୁଗୁଡ଼ା,୭।୧୨(ଡି.ଏନ୍.ଏ.)–



ଆହତ କୃଷ୍ଣସାର ମୃଗ।

ବୁଗୁଡ଼ା ବ୍ଲକ ରାମଗଡ଼ ରାସ୍ତାରୁ ରବିବାର ରାତିରେ ସ୍ଥାନୀୟ ବନ ବିଭାଗ ଏକ ଆହତ ଅଣ୍ଡିରା କୃଷ୍ଣସାର ମୃଗ ଉଦ୍ଧାର କରିଛି। ପ୍ରାୟ ୨ ବର୍ଷର ଏହି ମୃଗଟି ରାସ୍ତା ପାର ହେଉଥିବା ବେଳେ କୌଣସି ଏକ ଗାଡ଼ି ଧକ୍କା ଦେଇ ଚାଲିଯାଇଥିଲା। ଗୋଡ଼ରେ ଆଘାତ ଲାଗିବାରୁ ମୃଗଟି ସେଠାରେ ପଡ଼ିରହିଥିଲା। ଉକ୍ତ ରାସ୍ତାରେ ଯାଉଥିବା ଲୋକେ ଏହା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବୁଗୁଡ଼ା ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରାଙ୍କ ନିର୍ଦ୍ଦେଶରେ ବାଲିପଦର ବନପାଳ କ୍ଷୀରୋଦ କୁମାର ଗୌଡ଼ ଏବଂ ଫରେଷ୍ଟ ସ୍କ୍ୱାଡ୍ କର୍ମଚାରୀମାନେ ଆହତ ମୃଗକୁ ଉଦ୍ଧାର କରି ବାଲିପଦର ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରିଥିଲେ। କେନ୍ଦ୍ର ଅଧିକାରୀ ନୀଳାଚଳ ଖାଡ଼ଙ୍ଗା ତାହାର ଚିକିତ୍ସା କରିଥିଲେ। ବର୍ତ୍ତମାନ ମୃଗକୁ ଅନ୍ତରପଡ଼ା ନର୍ସରୀରେ ରଖାଯାଇଛି। ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ଛାଡ଼ିଦିଆଯିବ ବୋଲି କୁହାଯାଇଛି।

# ପରୀ ମୃତ୍ୟୁର ସିବିଆଇ ତଦନ୍ତ ଦାବି




ଏବିଭିପି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ଫୁଲବାଣୀ ଅଫିସ, ୭।୧୨

ନୟାଗଡ ଜିଲା ପରୀ ହତ୍ୟାକାଣ୍ଡ ରାଜ୍ୟ ରାଜନୀତିରେ ହଇଚଇ ସୃଷ୍ଟି କରିଛି। ରାଜ୍ୟ ସରକାର ଏହି ଘଟଣାର ଏସ୍‌ଆଇଟି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତଥାପି ଏହାକୁ ନେଇ ତୁମ୍ଭିତୋଫାନ ବନ୍ଦ ହୋଇନାହିଁ। ସବୁସ୍ତରରେ ପରୀ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ସହ ଘଟଣାରେ ସମ୍ପୃକ୍ତ ମନ୍ତ୍ରୀ ଅରୁଣ ସାହୁଙ୍କ ଇସ୍ତଫା ଦାବି କରାଯାଉଛି। ସୋମବାର କନ୍ଧମାଳ ଜିଲାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏବିଭିପି କମକର୍ତ୍ତାମାନେ ଏକତ୍ରିତ ହୋଇ ଘଟଣାର ସିବିଆଇ ତଦନ୍ତ ସହ ମନ୍ତ୍ରୀ ଅରୁଣ ସାହୁଙ୍କ ଇସ୍ତଫା ଦାବି କରିଥିଲେ। ଶେଷରେ ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭାଗ ସଂଯୋଜକ କୃଷ୍ଣ ଚନ୍ଦ୍ର ପଲାଇ, ଜିଲା ପ୍ରମୁଖ ଶିବାଶିଷ ପଣ୍ଡା, ଜିଲା ସଂଯୋଜକ ଦିବ୍ୟରଞ୍ଜନ ଡାକୁଆ, ଛାତ୍ରନେତା କାଶିନାଥ ଗଣ୍ଡା ପ୍ରମୁଖ ସାମିଲ ଥିଲେ।

### ଅବସରପ୍ରାପ୍ତ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାରଙ୍କ ପରଲୋକ

ଚିକିଟି,୭।୧୨(ଡି.ଏନ.ଏ.)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ବିଘ୍ନରାଜ ଚୌଧୁରୀଙ୍କ ସୋମବାର ପରଲୋକ ଘଟିଛି। ବିଘ୍ନରାଜଙ୍କ ଜନ୍ମସ୍ଥାନ ଚିକିଟି ବ୍ଲକ ନୂଆପଡ଼ା ଗ୍ରାମ। ସେ ଦୀର୍ଘବର୍ଷ ହେଲା ବ୍ରହ୍ମପୁର ଲାଞ୍ଜିପଲ୍ଲୀରେ ରହୁଥିଲେ। ହଠାତ୍ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଉଥିବା ସମୟରେ ମୃତ୍ୟୁ ଘଟିଥିଲା।

# ବିଡିଓଙ୍କୁ ମହାମେଘବାହନ ସମ୍ମାନ



ବିଡିଓଙ୍କୁ ସମ୍ମାନିତ କରାଯାଉଛି।

କୁକୁଡାଖଣ୍ଡି,୭।୧୨

ଇଶା ପବ୍ଲିକେଶନର ବାର୍ଷିକ ଶାରଦୀୟ ବିଶେଷାଙ୍କ ମାଟିଘଟ ଉନ୍ମୋଚନ ପରିପ୍ରେକ୍ଷୀରେ ସୋମବାର କୁକୁଡାଖଣ୍ଡି ବିଡିଓ ଗଦାଧର ପାତ୍ରଙ୍କୁ ମହାମେଘବାହନ ସମ୍ମାନରେ ସମ୍ମାନିତ କରାଯାଇଛି। ଇଶା ପରିବାର ପରିଚାଳନା ନିର୍ଦ୍ଦେଶକ ସନ୍ନ୍ୟାସୀ ମହାରଣା, ସମ୍ପାଦକ ଚିନ୍ମୟ ମିଶ୍ର, ଆବାହକ ରତ୍ନାକର ଶିୟ ଓ ମୁଖ୍ୟ ସହଯୋଗୀ ରବୀନ୍ଦ୍ର ନାଥ ସାହୁ ବିଡିଓଙ୍କୁ ଉପଢୌକନ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। କରୋନା କ୍ଷେତ୍ରରେ ସେ ଯେଉଁ ନିଷ୍ଠାପର ଭାବେ କାର୍ଯ୍ୟ କରି ଲୋକଙ୍କୁ ସେବା ଯୋଗାଇ ନିଜେ କରୋନାରେ ଆକ୍ରାନ୍ତ ହେବା ସତରେ ଏକ ଇତିହାସ ହୋଇ ରହିବ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

# ଲିଙ୍ଗରାଜ ହତ୍ୟା ମାମଲାରେ ପୋଲିସ ହାତ ଖାଲି

ଛତ୍ରପୁର,୭।୧୨(ଡି.ଏନ.ଏ.)

ଚମାଖଣ୍ଡି ଥାନା ରଘୁନାଥପୁର ଗାଁର ଲିଙ୍ଗରାଜ ରେଡ୍ଡୀଙ୍କୁ କୁରାଢିରେ ହାଣି ହତ୍ୟା କରାଯାଇଥିଲା। ରବିବାର ରାତିରେ ତାଙ୍କ ମୃତଦେହ ଘର ଭିତରୁ ପୋଲିସ ଉଦ୍ଧାର କରିଥିଲା। ଶନିବାର କିମ୍ବା ରବିବାର ଏହି ହତ୍ୟାକାଣ୍ଡ ଘଟିଛି ତାହା ସ୍ପଷ୍ଟ ଜଣାପଡିନାହିଁ। ମାତ୍ର ଏଯାଏ ପୋଲିସ ହାତ ଖାଲିଥିବା ଜଣାପଡିଛି। ଚମାଖଣ୍ଡି ଥାନା ଅଧିକାରୀଙ୍କଠାରୁ ଆରମ୍ଭ କରି ତଦନ୍ତରେ ସାମିଲ ଅଫିସର, ଛତ୍ରପୁର ଏସ୍‌ଡିପିଓ କିମ୍ବା ଅତିରିକ୍ତ ଏସ୍‌ପି କେହି ମୁହଁ ଖୋଲୁନାହାନ୍ତି। ଶନିବାର କିମ୍ବା ରବିବାର ହତ୍ୟା ହୋଇଛି ତାହା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିବ ବୋଲି ଚମାଖଣ୍ଡି ଥାନା ଅଧିକାରୀ ସୀତାଶୁଂ ଶେଖର ମାନ୍ଧାତା କହିଛନ୍ତି। ଏନେଇ ଅଧିକ କିଛି କହିବାକୁ ମନା କରିବା ସହ ତଦନ୍ତ ଚାଲିଥିବା ସେ କହିଥିଲେ। ମୃତ ଲିଙ୍ଗରାଜଙ୍କ ଭଉଣୀ ଚନ୍ଦ୍ରମାଙ୍କ ଏତଲାକୁ ଭିତ୍ତିକରି ମାମଲା (ନଂ–୧୬୬/୨୦) ରୁଜୁ କରାଯାଇଛି। ଅପରପକ୍ଷରେ ସୋମବାର ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛି।

ସୂଚନା ଅନୁଯାୟୀ, ଲିଙ୍ଗରାଜ ଗତ କିଛିଦିନ ତଳେ ଏକ ଜମି ବିକ୍ରି କରିଥିଲେ। ଟଙ୍କା ଚୋରି ପାଇଁ ଏହି ହତ୍ୟା ହୋଇଥାଏ ପାରେ ବୋଲି ଅନୁମାନ କରାଯାଉଛି। ରବିବାର ସନ୍ଧ୍ୟାରେ ଭଉଣୀ ଲିଙ୍ଗରାଜଙ୍କ ଘରକୁ ଆସି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଭାଇଙ୍କ ମୃତଦେହ ଚଟାଣରେ ପଡିଥିବା ଦେଖିବାକୁ ପାଇଥିଲେ। ୨ ଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଥିବା ଜଣାପଡିଛି।

# ମାଣ୍ଡିଆ ବିକ୍ରି ଲାଗି ବୁଲିଲା ସଚେତନତା ରଥ

ଦାରିଙ୍ଗବାଡ଼ି,୭।୧୨(ଡି.ଏନ.ଏ.)




ବିଧାୟକ ସାଲୁଗା ପ୍ରଧାନ ପତାକା ଦେଖାଇ ରଥ ଉଦ୍‌ଘାଟନ କରୁଛନ୍ତି।

କନ୍ଧମାଳ ଜିଲାର ୫ ବ୍ଲକରେ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମିଲେଟ ମିଶନ ଚାଲିଥିବା ବେଳେ ସେଥିମଧ୍ୟରୁ ଦାରିଙ୍ଗବାଡ଼ି ଅନ୍ୟତମ। କ୍ଷୁଦ୍ରଦାନା ଚାଷ ପ୍ରତି ଦାରିଙ୍ଗବାଡ଼ି ଚାଷୀଙ୍କ ଆଗ୍ରହ ବଢୁଥିବାବେଳେ ସଚେତନ ଅଭାବରୁ ଦଲାଲ ଏବଂ ଖୁଚୁରା ବ୍ୟବସାୟୀଙ୍କୁ ଅମଳ ମାଣ୍ଡିଆ ସମେତ ଜନା, କାଙ୍ଗୁ, କୁଏରୀ ଆଦି ଶସ୍ତାରେ ବିକ୍ରି କରିଦେଉଛନ୍ତି। ଏଥିସହ କ୍ଷୁଦ୍ରଦାନା ଶସ୍ୟକୁ ଅତି ନିମ୍ନଖାଦ୍ୟ କହି ଅପପ୍ରଚାର କରି ଚାଷୀଙ୍କୁ ଠକାଯାଉଥିବାରୁ ଏହି ଚାଷରୁ ଅଧିକାଂଶ ମୁହଁ ଫେରାଇ ନେଇଥିଲେ। ଏବେ ରାଜ୍ୟ ସରକାର ଉକ୍ତ ଚାଷୀଙ୍କୁ ପ୍ରୋତ୍ସାହନ ସହ ସଚେତନ କରୁଛନ୍ତି। ଏଥିସହ ପୂର୍ବରୁ ମାଣ୍ଡିଆର ସର୍ବନିମ୍ନ ଦର କିଲୋ ପିଚ୍ଛା ୩୧ ଟଙ୍କା ଥିବାବେଳେ ଚଳିତବର୍ଷ ବୃଦ୍ଧିକରି ୩୨.୯୫ ପଇସା ହୋଇଛି। ବାହାରେ ବିକ୍ରି ନକରି ଏହାକୁ ମଣ୍ଡିରେ ବିକ୍ରି କରିବାକୁ ସଚେତନ କରାଯାଉଛି। ସୋମବାର ଜାଗୃତି ସଭାଗୃହରେ ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟଙ୍କ ଅଧ୍ୟକ୍ଷତାରେ ଏକ ସଚେତନ ବୈଠକ କରାଯିବା ସହ ରଥର ଶୁଭାରମ୍ଭ କରାଯାଇଛି। ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଜିଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ଶତପଥୀ ବିଡିଓ ଅଭିମନ୍ୟୁ ବେହେରା, ତହସିଲଦାର କଳାକୃଷ୍ଣ ପ୍ରଧାନ, ସହକାରୀ କୃଷି ଅଧିକାରୀ ବୃନ୍ଦାବନ ବେହେରା, ପାହାଡ଼ି ପ୍ରଡ୍ୟୁସର ଗ୍ରୁପର ସଭାପତି ଶରତ ଚନ୍ଦ୍ର ପ୍ରଧାନ, ଗ୍ରୀନ୍‌ବାଡ଼ି ସରପଞ୍ଚ ସଞ୍ଜୟ କୁମାର ପ୍ରଧାନ, ମହେନ୍ଦ୍ର କୁମାର ପରିଡ଼ା, ଅରୁଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରକାଶଯେ ବ୍ଲକ ଅଞ୍ଚଳରେ ଚଳିତବର୍ଷ ପ୍ରାୟ ୬୩୦ ହେକ୍ଟର ଜମିରେ ଏହି ଚାଷ କରାଯାଇଥିବା ବେଳେ ପ୍ରାୟ ୨ ହଜାର କ୍ୱିଣ୍ଟାଲ ମାଣ୍ଡିଆ ବିକ୍ରି ପାଇଁ ଅଞ୍ଚଳର ଚାଷୀ ଲକ୍ଷ ରଖିଛନ୍ତି।

